# Akashvani, Sambalpur

## SAMBALPURI NEWS EVENING BULLETIN

### 13 January 2025- 7.02 pm- 7.12 pm.

********************************************

୧- ମୟୁରଭଂଜ ଜିଲ୍ଲାର୍ ରାଇରଙ୍ଗପୁର୍ ଠାନେ ଗୋ-ସମାବେଶ କାର୍ଯ୍ୟକ୍ରମ୍‌କେ ଶୁଭାରମ୍ଭ କଲେ ରାଷ୍ଟ୍ରପତି ।

୨- ରାଏଜେ ଆୟୁଷ୍ମାନ୍ ଭାରତ୍ - ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଲାଗୁ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ସ୍ୱାକ୍ଷରିତ୍ ହେଇଛେ ବୁଝାମଣା ।

୩- ପାରମ୍ପରିକ୍ ରୀତି ନ ପାଲିତ୍ ହେଲା ମହାନ୍ କୃଷିଭିତିକ୍ ପରବ୍ ପୁଷ୍‌ପୁନି ।

ଆଉର୍

୪- କଂସ ବଧ ସହେତେ ଆଏଜ୍ ସର୍‌ବା ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ।

ଗୋ-ସମାବେଶ-ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ମୟୁରଭଂଜ ଜିଲ୍ଲାର୍ ରାଇରଙ୍ଗପୁର ମହତାବ ଭବନ୍‌ଠାନେ ଆଭାସୀ ଜରିଏ ଗୋ-ସମାବେଶ, ଓମ୍‌ଫେଡ୍‌କେ ବିପଣନ୍ ସାହାଜ୍ ଆର୍ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ୍ କରିଛନ୍ । ଇ ଯୋଜ୍‌ନାଥି ଗୋରୁ ସମ୍ପଦ୍ ଆର୍ ଛୋଟ୍ ଛୁଆମାନେ ବିଶେଷ୍ ଭାବେ ଉପକୃତ୍ ହେଇପାର୍‌ବେ ଆର୍ ଗ୍ରାମୀଣ ଗୋରୁ ପାଲନ୍ ଦିଗେ ବଡ଼ଟେ ଭୂମିକା ନେବା ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ରାଜୀବ ରଂଜନ ସିଂହ ଆଉ କେନ୍ଦ୍ର ଆର୍ ରାଜ୍ୟର୍ ମନ୍ତ୍ରୀମାନେ ଯୋଗ୍ ଦେଇଥିଲେ ।

ଇନଜନେଇ ଦିଆଯାଇପାରେ ଯେ, ଏନ୍‌ଡିଡିବି ଯୋଜ୍‌ନାର୍ ରାଷ୍ଟ୍ରୀୟ ଗୋକୁଲ୍ ମିଶନ୍ କାର୍ଯ୍ୟକ୍ରମ୍‌ଥି ପିଇଏସ୍ ଯୋଜ୍‌ନା ଜରିଏ ଜିଲ୍ଲାର୍ ହିତାଧିକାରୀଙ୍କୁ ୩ ହଜାର୍‌ନୁ ଅଏତ୍‌କା ଗାଈ ବଂଟାଯିବା । ହେନ୍ତା ୧ ହଜାର୍ ଶହେ ୮୪ ଝନ୍ ଛାତ୍ରଛାତ୍ରୀଙ୍କୁ ୨ ଶହ ମିଲିଲିଟର୍ ଲେଖା ପୁଷ୍ଟିକର ଗୁରସ୍ ଦିଆଯିବା ।

ଆୟୁଷ୍ମାନ୍ ଭାରତ୍        ପି.ଆଇ.ବି.

ରାଏଜେ ଆୟୁଷ୍ମାନ୍ ଭାରତ୍ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜ୍ନା "ଏପି ପିଏମ୍ ଜୟ" ଯୋଜ୍ନାର୍ କାର୍ଯ୍ୟକାରୀ କର୍ବାର୍ ଲାଗି ଆଏଜ୍ ନୂଆଦିଲ୍ଲୀର ବିଜ୍ଞାନ୍ ଭବନ୍ଠାନେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆର୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ଭିତ୍ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଉପସ୍ଥିତିଥି ଇ ବୁଝାମଣାପତ୍ର ସ୍ୱାକ୍ଷର ହେଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

ମହାକୁମ୍ଭ ୨୦୨୫        ଏନ୍ଏସ୍ଡି

ପୁର୍ଥିର୍ ସବୁନୁ ବଡ଼ ଆଧାତ୍ମିକ୍ ଆର୍ ସାଂସ୍କୃତିକ୍ ସମାଗମ୍ ମହାକୁମ୍ଭ ୨୦୨୫ ଉତର୍ପ୍ରଦେଶ୍ର ପ୍ରୟାଗ୍ରାଜ୍ଠାନେ ଆଏଜ୍ଠାନୁ ମୁଲ ହେଇଛେ । ପୁଷ୍ ପୁନି ଅବ୍ସରେ ଆଏଜ୍

ତ୍ରିବେଣୀ ସଂଗମ୍‌ର ଭିନ୍ ଭିନ୍ ଘାଟ୍ ଠାନେ ଶ୍ରଦ୍ଧାଳୁମାନେ ଅମ୍ରିତ୍ ସ୍ନାନ କରିଛନ୍ । ୬୦ ଲାଖ୍‌ନୁ ଅଏତ୍‌କା ଶ୍ରଦ୍ଧାଳୁ ଆଏଜ୍ ବୁଡ଼୍ ପକେଇଛନ୍ ବଲି ଜନାପଡ଼ିଛେ । ଇ ଭବ୍ୟ ସମାରୋହ ଜାନୁଆରୀ ୨୬ ମହାଶିବରାତ୍ରୀତକ୍ ଚାଲ୍‌ବା ।

ମହାକୁମ୍ଭ ମେଲା ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇକରି କହିଛନ୍, ଆସ୍ଥା ଆଉ ବିଶ୍ୱାସ୍‌ର ମହାପର୍ବ ପବିତ୍ର କୁମ୍ଭ ମେଲାଥି ତୀର୍ଥରାଜ୍ ପ୍ରୟାଗ୍‌ଠାନେ କୋଟି କୋଟି ଶ୍ରଦ୍ଧାଳୁଙ୍କର୍ ଉପସ୍ଥିତି ସାରା ପୁର୍‌ଥିକେ ଏକତାର୍ ବାର୍ତା ଦଉଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ମହାକୁମ୍ଭ ମେଲାର୍ ଶୁଭାରମ୍ଭ ଅବ୍‌ସରେ କହିଛନ୍ ଯେ, ଇଟା ଗୁଟେ ଅଦ୍ୱିତୀୟ ପର୍ବ, ସନାତନ ସଂସ୍କୃତି ଆଉ ପରମ୍ପରାର୍ ଦିବ୍ୟତାର ଉତ୍ସବ୍ ସହେତେ ମାନବତା, ଆସ୍ଥା ଆର୍ ଏକତାର୍ ପ୍ରତୀକ୍ ଆଏ ।

ସୋନାମାର୍ଗ ଟନେଲ୍ ଉଦ୍‌ଘାଟନ ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏଜ୍ ଜମ୍ମୁ-କଶ୍ମୀର୍‌ର ସୋନାମାର୍ଗ ଟନେଲ୍‌ର୍ ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଉତ୍‌ରୁ ଗୁଟେ ଜନ୍‌ସଭାଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ ଟନେଲ୍ ନିର୍ମାଣ କାମେ ଲାଗିଥିବା

ଶ୍ରମିକ୍‌ମାନ୍‌କର ପ୍ରଶଂସା କର୍‌ବାର୍ ସହେତେ ଇ ଟନେଲ୍ ସେ ଇଲାକାନ ଯୋଗାଯୋଗ୍ ଆର୍ ପର୍ଯ୍ୟଟନ୍‌ର ବିକାଶ୍ ଦିଗେ ସାହାଜ୍ କର୍‌ବା ବଲି କହିଛନ୍ ।

ଭାରତୀୟ ମୌସମ୍ ବିଭାଗ ହି.ସ.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଭାରତୀୟ ମୌସମ୍ ବିଭାଗ୍‌ର ଶହେ ୫୦ ନମ୍ବର୍ ଥାପ୍‌ନା ଦିବସ୍ ସମାରୋହଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ମିଶନ୍ ମୌସମ୍ ଶୁଭାରମ୍ଭ କର୍‌ବେ ଆର୍ ଆଇ.ଏମ୍.ଡି. ଭିଜନ୍ -୨୦୪୭ ଡକ୍ୟୁମେଂଟ୍ ଜାରି କର୍‌ବେ ।

ଧାନ୍ ଘିନା ହି.ସ.

ରାଜ୍ୟ ସର୍‌କାର୍ ଚଲିତ୍ ଖରିଫ୍ ଋତୁଥି ଇହାଦେତକ୍ ୨୬ ଲାଖ୍ ୨୮ ହଜାର୍ ୨ ଶହ ୨୮ ମେଟ୍ରିକ୍‌ଟନ୍ ଧାନ୍ ଘିନିଛନ୍ । ଭିନ୍ ଭିନ୍ ମଣ୍ଡି ନ ଧାନ୍ ବିକ୍ରି କରିଥିବାର୍ ୪ ଲାଖ୍ ୯୯ ହଜାର୍ ୭ ଶହ ୭୮ ଝନ୍ ଚାଷୀଙ୍କୁ ସେମାନ୍‌କର୍ ଧାନର୍ ଦାମ୍ ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୧

ହଜାର୍ ୯ ଶହ ୪ କୋଟି ଟଙ୍କାର୍ ଇନ୍‌ପୁଟ୍ ସବ୍‌ସିଡି ଟଙ୍କା ସହେତେ ମୋଟ୍ ୭ ହଜାର୍ ୩ ଶହ ୭୯ କୋଟି ଟଙ୍କା ଚାଷୀମାନ୍‌କର୍ ଏକାଉଂଟ୍‌କେ ଯାଇଛେ ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ।

ପୁଷ୍‌ପୁନି ହି.ସ./ ସୁବର୍ଣ୍ଣପୁର୍ ସମ୍ବାଦଦାତା

ପଶ୍ଚିମ୍ ଓଡ଼ିଶାର୍ ସହର୍‌ନୁ ଗାଁ ତକ୍ ଆଏଜ୍ ପୁଷ୍‌ପୁନି ପାଲନ୍ କରାଯାଉଛେ । ଧାନ୍ ଦାଇ କରି ଘର୍‌କେ ଆନ୍‌ଲା ଉତ୍‌ରୁ ଲୁକେ ଖୁସିବାସିର୍ ପରବ୍ ପୁଷ୍‌ପୁନି ମାନ୍‌ସନ୍ । ସୁରୁସୁରୁ ଛୁଆମାନେ ପଢ଼ାପାଟ୍‌କେ ଘର୍ ଘର୍ ଯାଇକରି ଛେର୍‌ଛେରା ମାଗ୍‌ସନ୍ ଆର୍ ସେଥି ଭୁଜିଭାତି କର୍‌ସନ୍ । ଖଟିଖିଆ ଲୁକେ ଇ ଦିନ୍‌ଟା ବହୁତ୍ ଉସ୍‌ନାକିଥି ପାଲନ୍ କର୍‌ସନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପୁଷ୍‌ପୁନି ଅବ୍‌ସରେ ସମ୍‌କୁ ଶୁଭେଛା ଜନେଇକରି କହିଛନ୍, ନୂଆଖାଇ ଉତ୍‌ରୁ ପୁଷ୍‌ପୁନିକେ ପଶ୍ଚିମ ଓଡ଼ିଶାର୍ ୨ ନମ୍ବର୍ ଗଣପର୍ବ ଭାବେ ପାଲନ୍ କରାଯାଏସି । ଇ କୃଷିଭିତିକ୍ ପର୍ବଥି ଘରେ ଘରେ ପିଠାପନାର୍ ସହେତେ ନାଚ୍‌ଗୀତ୍ ଆର୍ ଖେଲ୍‌ର ଆସର୍ ଜମ୍‌ସି । ପୁଷ୍‌ପୁନି ତିହାର୍ ଆମର୍ କର୍ମମୟ ଜୀବନ୍‌କେ ଆହୁରି ଚଲଚଂଚଲ୍ କର୍‌ସି ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପୁଷ୍‌ପୁନି ତିହାର୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ଉସ୍‌ନାକିର୍ ସହେତେ ପାଲିତ୍ ହେଇଯାଇଛେ । ଭିନ୍ ଭିନ୍ ଗାଁ ନ ଲୋକ୍‌କଲାକାର୍ ଆର୍ ଛୁଆମାନେ ଛେର୍‌ଛେରା ମାଗିଥିଲେ ଆଉ ଭିନ୍ ଭିନ୍ ସାଂସ୍କୃତିକ୍ ଅନୁଷ୍ଠାନ୍ ତର୍‌ପୁ ପୁଷ୍‌ପୁନି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍ କରାଯାଇଛେ ।

ହୀରାକୁଦ୍ ବନ୍ଧା ସମ୍ବଲପୁର୍ ସମ୍ବାଦଦାତା

ପୁର୍‌ଥିର୍ ସବୁନୁ ଦୀର୍ଘତମ ହୀରାକୁଦ୍ ନଦୀବନ୍ଧାର ଥାପ୍‌ନାକେ ୬୮ ବରସ୍ ପୁରିଛେ । ୧୯୫୭ ମସିହା ଆଝିର୍ ଦିନେ ସ୍ୱାଧୀନ୍ ଭାରତ୍‌ର ପହେଲା ପ୍ରଧାନ୍‌ମନ୍ତ୍ରୀ ପଣ୍ଡିତ ଜବାହାର୍ ଲାଲ୍ ନେହେରୁ ହୀରାକୁଦ୍ ବନ୍ଧାର୍ ଉଦ୍‌ଘାଟନ୍ କରିଥିଲେ । ଓଡ଼ିଶାର୍ ଅଭିବୃଦ୍ଧି, ସମୃଦ୍ଧି, ସ୍ଥାୟିତ୍ୱ ଆର୍ ବିକାଶ୍ ଦିଗେ ହୀରାକୁଦ୍ ବନ୍ଧା ରାଏଜେ ବନ୍ୟା ନିୟନ୍ତ୍ରଣ୍, ଚାଷ୍, ଜଲ୍‌ସେଚନ୍, ଖାଦ୍ୟ ସୁରକ୍ଷାର୍ ସହେତେ ବିଦ୍ୟୁତ୍ ଉତ୍ପାଦନ୍ କରିକରି ଦେଶର୍ ଭିନ୍ ଭିନ୍ ଇଲାକାକେ ଉଜଲ୍ କର୍‌ବାର୍ ଦିଗେ ସାହାଜ୍ କରୁଛେ ।

ହୀରାକୁଦ୍ ନଦୀ ବନ୍ଧାର୍ ୬୯ ନମ୍ବର୍ ଥାପ୍‌ନା ଦିବସ୍ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଆଏଜ୍ ହୀରାକୁଦର ରାଇଟ୍ ଡାଇକ୍ ବନ୍ଧା ପାଶେ ଥିବା ଶହୀଦ୍ ସ୍ମୃତିସ୍ତମ୍ଭ ନ ନଦୀବନ୍ଧାର୍ ଥାପ୍‌ନା ଦିବସ୍ ପାଲିତ୍

ହେଇଯାଇଛେ । ଇ ଅବ୍‌ସରେ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ମୁଖିଆ ଅତିଥି ଭାବେ ଯୋଗ୍ ଦେଇଥିଲେ । ସ୍ଥାନୀୟ ଇଲାକାର୍ କଲାକାରମାନ୍‌କର୍ ଦ୍ୱାରା ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ କରାଯାଇଥିଲା ।

ବରଗଡ଼ ଧନୁଯାତ୍ରା -ଉଦ୍‌ଯାପିତ ବର୍‌ଗଡ୍ ସମ୍ବାଦଦାତା

୭୭ ନମ୍ବର୍ ବରଗଡ଼ ଧନୁଯାତ୍ରା ଆଏଜ୍ ଉଦ୍‌ଯାପିତ୍ ହଉଛେ । ପୁରାନ୍ ଅନ୍‌ସାରେ ଅତ୍ୟାଚାରୀ କଂସର୍ ମୃତ୍ୟୁ ଉତ୍‌ରୁ ଆଏଜ୍ ମଥୁରା ନଗ୍‌ରୀକେ ଶାନ୍ତି ଫିର୍‌ବା । ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଶେଷ୍ ଦୃଶ୍ୟ ବହୁତ୍ ଖାସ୍ ହେଇଥିସି ଆର୍ ସେଟାକେ ଦେଖିବାର୍ ଲାଗି ଆଏଜ୍ ବରଗଡ଼ଠାନେ ଲକ୍ଷାଧିକ୍ ଲୋକଙ୍କର୍ ଭିଡ୍ ଜମ୍‌ବା ବଲି ଅନ୍‌ମାନ୍ କରାଯାଉଛେ । ଇଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ ।

(ଭଏସ୍ ଓଭର୍- ବର୍‌ଗଡ୍ ସମ୍ବାଦଦାତା)

ପଶ୍ଚିମାଂଚଲ୍ ଧନୁଯାତ୍ରା ହି.ସ.

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ହେଉଥିବା ଧନୁଯାତ୍ରାକେ ବିଶ୍ୱଦର୍‌ବାର୍‌ଥି ପୁହଁଚାବାର୍ ଲାଗି ଆଏବା ଦିନେ

ପ୍ରାମାଣିକ ଚଳଚ୍ଚିତ୍ର ତିଆର୍ କରାଯିବା । ବଲାଙ୍ଗିର୍ ପାଶର୍ ଭାଲେର୍‌ର ଧନୁଯାତ୍ରାଥି ଅତିଥି ଭାବେ ଯୋଗ୍ ଦେଇକରି ଉଚ୍ଚଶିକ୍ଷା ଆଉ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇଟା କହିଛନ୍ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ବିଧାୟକ୍ ସନାତନ୍ ବିଜୁଳି ପ୍ରମୁଖ ଯୋଗ୍ ଦେଇଥିଲେ ।

ଜନଶୁଣାଣି ଶିବିର୍ ସମ୍ବଲ୍‌ପୁର୍/ ସୁବର୍ଣ୍ଣପୁର୍

ସମ୍ବଲ୍‌ପୁର୍ ଜିଲ୍ଲାର୍ ଜମନ୍‌କିରା ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଇଥି ୫୩ ଟା ଆବେଦନ୍ ଗ୍ରହଣ୍ କରାଯାଇଥିବାର୍ ବେଲେ ୭ ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିଲା ।

ସେନ୍ତା ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତରଭା ବ୍ଲକ୍ ସହେତେ ଜିଲ୍ଲାର ୫ଟା ପଂଚାୟତ୍‌ନ ଖାସ୍ ଜନଶୁଣାଣି ଶିବିର୍ ହେଇଯାଇଛେ । ତରଭା ନ ହେଇଥିବା ଶୁଣାଣିଥି ୪୭ଟା ଅଭିଯୋଗ ପଂଜିକୃତ୍ ହେଇଥିବାର୍ ବେଲେ ୫ଟା ମାମଲାର ତୁର୍‌ତି ସମାଧାନ ହେଇଥିଲା । ପଂଚାୟତ୍‌ମାନଙ୍କର୍ ଶିବିର୍‌ମାନ୍‌କେ ଶତାଧିକ୍ ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ଫସଲ୍ ବୀମା- କ୍ଷତିଭର୍‌ନା I&PR

ରାଏଜେ ଗଲା ଅଦିନିଆ ବର୍ଷାଥି ଫସଲ୍ ନୁକ୍ସାନ୍ ଲାଗି ଆଏଜ୍‌ତକ୍ କ୍ଷତିଗ୍ରସ୍ତ ଚାଷୀମାନ୍‌କୁ ୨୧ କୋଟି ୯୬ ଲାଖ୍ ଟଙ୍କା କ୍ଷତିପୂରଣ୍ ଦିଆଯାଇଛେ । ବୀମା କମ୍ପାନୀମାନ୍‌କର୍ ତର୍‌ଫୁ ନୁକ୍ସାନ୍ ଟଙ୍କା ଚାଷୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ସିଧାସଲଖ୍ ଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାଥି ପଞ୍ଜିକୃତ ଚାଷୀମାନେ ଫସଲ୍‌ବୀମା ପୋର୍ଟାଲ୍ ନ ଦେଇଥିବା ତଥ୍ୟର୍ ଆଧାର୍‌ଥି ଇ ଭର୍‌ନା ଦିଆଯାଇଛେ ।

ପାତାଳି ଶ୍ରୀକ୍ଷେତ- ପୁଷ୍ୟାଭିଷେକ ସୁବର୍ଣ୍ଣପୁର୍

ପୁଷ୍‌ପୁନି ଉଧେ ଆଏଜ୍ ସୁବର୍ଣ୍ଣପୁର ମାଟିର୍ ପାତାଳି ଶ୍ରୀକ୍ଷେତ୍ରଠାନେ ମାହାପୁରୁଙ୍କର୍ ପୁଷ୍ୟାଭିଷେକ ଉଛବ୍ ହେଇଯାଇଛେ । ସଂଜବେଲେ ସୁବର୍ଣ୍ଣପୁର ତ୍ରିବେଣୀ ସଙ୍ଗମ୍‌ର ସ୍ୱର୍ଣ୍ଣ ପ୍ରୟାଗ୍ ଘାଟ୍‌ଠାନେ ସଙ୍ଗମ୍ ଆଲ୍‌ତି ଆର୍ ପୂଜା ଉତ୍‌ରୁ ପୌଷ ଚନ୍ଦ୍ରମାକେ ଅର୍ଘ୍ୟ ଦିଆଯାଇଥିଲା । ଇନର୍ କୈବର୍ତ୍ୟମାନ୍‌ଙ୍କର୍ ତର୍‌ଫୁ ଷୋଡ଼ଷ ଉପଚାର କରାଯାଇଛେ । ହେନ୍ତା ମହାନଦୀର୍ ମଝିର୍ ଧାରେ ଥିବା ଦେବୀ ଲଙ୍କେଶ୍ୱରୀଙ୍କର୍ ଖାସ୍ ପୌଷ ପୂଜା ହେଇଥିଲା ।

ତୀରନ୍ଦାଜୀ ପ୍ରତିଯୋଗିତା ହି.ସ.

ରାଜସ୍ଥାନର ଜୟପୁରଠାନେ ହେଇଥିବା ୬ ନମ୍ବର ଜାତୀୟ ପାରା ତୀରନ୍ଦାଜୀ ପ୍ରତିଯୋଗିତାଥି ବଲାଙ୍ଗିର ଜିଲ୍ଲାର ପାୟଲ୍ ନାଗ ଦୁଇଟା ସ୍ୱର୍ଣ୍ଣ ପଦକ୍ ଜିତିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ପାୟଲ୍ଙ୍କର୍ ଇ ସଫଲ୍ତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ । ଶାରୀରିକ୍ ଅକ୍ଷମ୍ତା ଥାଇକରି ବି ନିଜର୍ ଲକ୍ଷ୍ୟ ପୂରନ୍ ଲାଗି ତାଙ୍କର୍ ନିଷ୍ଠା, ଏକାଗ୍ରତା ଆର୍ ପ୍ରୟାସ୍ ତାଙ୍କୁ ସଫଲ୍ତା ଆନି ଦେଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ୍ ଗଣମାଧ୍ୟମ ଜରିଏ କହିଛନ୍ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ତାମିଲନାଡୁ ଡ୍ରାଗନ୍ସ ଆଉ ଦିଲ୍ଲୀ ଏସ୍ଜି ପାଇପର୍ସ ଦଲ୍ ଭିତ୍ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍ଥି ଖେଲ୍ ମୁଲ୍ ହେବା ।